Chapter- 08

# ତଟିନୀର ଖେଦ

**STUDY NOTES**

## MIND MAP



**କବି ପରିଚୟ:**

ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ପ୍ରବୀଣ ଅଧ୍ୟାପକ ଡକ୍ଟର ମହେଶ୍ୱର ମହାନ୍ତି ଜଣେ ବିଚକ୍ଷଣ ଶିଶୁ ସାହିତ୍ୟିକ ଭାବେ ସର୍ବଜନ ବିଦିତ। ଜଗତ୍‌ସିଂହପୁର ଜିଲ୍ଲାର ଓଷକଣା ଗ୍ରାମରେ ତାଙ୍କର ଜନ୍ମ। ମାସିକ ଶିଶୁ ସାହିତ୍ୟ ପତ୍ରିକା 'ମନ ପବନ'ର ସେ ଥିଲେ ସମ୍ପାଦକ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ 'ଛବି କହୁଛି କଥା' ଜାତୀୟ ସ୍ତରର ପୁରସ୍କାର ଲାଭ କରିଛି। 'ବେଲୁନ୍ ଗଲା ଉଡ଼ି' ପୁସ୍ତକଟି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି। 'ଫୁଲବାଣୀ' ତାଙ୍କ ରଚିତ ଅନ୍ୟ ଏକ ସୁନ୍ଦର ଶିଶୁ ମନଲାଖି ରଚନା। ତାଙ୍କ ରଚନାମାନଙ୍କରେ ଶିଶୁ ମନସ୍ତତ୍ତ୍ୱକୁ ଛୁଇଁଲା ଭଳି ବହୁ ଉପାଦେୟ, ଶିକ୍ଷଣୀୟ, ତଥ୍ୟ ସମ୍ବଳିତ ପ୍ରସଙ୍ଗ ପରିଦୃଷ୍ଟ ହୁଏ।

**କବିତାର ପୃଷ୍ଠଭୂମି:**

ନଦୀ ସମ୍ବନ୍ଧରେ ବହୁ କବି ନାନା କବିତା ରଚନା କରିଛନ୍ତି। କିନ୍ତୁ ଡକ୍ଟର ମହେଶ୍ୱର ମହାନ୍ତି ପଠିତ କବିତାରେ ନଦୀ ମନର ଦୁଃଖ ଉପରେ ଆଲୋକପାତ କରିଛନ୍ତି। ସମ୍ପ୍ରତି ନଦୀଜଳ ପ୍ରଦୂଷଣ ପ୍ରସଙ୍ଗକୁ ନେଇ ପରିବେଶବିତ୍ ତଥା ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଥିଲା ବେଳେ ଏବଂ ସରକାରୀ ତଥା ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା ନଦୀଜଳ ପରିଷ୍କରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ବେଳେ କବି ଡକ୍ଟର ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ଏ ସମ୍ପର୍କରେ ସଚେତନ କରିବା ପାଇଁ 'ତଟିନୀର ଖେଦ' କବିତା ମାଧ୍ୟମରେ ଆହ୍ୱାନ କରିଛନ୍ତି। କବିତାରେ ନଦୀର କଲ୍ୟାଣକାରୀ ଗୁଣର ବର୍ଣ୍ଣନା କରିବା ସହ ଜଳ ପ୍ରଦୂଷଣର କାରଣ ଓ ଭବିଷ୍ୟତରେ ଏହାର ଭୟଙ୍କର ପରିଣାମ ଜୀବଜଗତ ପାଇଁ କିପରି ବିପଦକୁ ସ୍ୱାଗତ କରିବ ତାହା ଉପରେ କବି ଗୁରୁତ୍ୱାରୋପ କରିଛନ୍ତି। କବିତାଟିରେ ନଦୀ ଓ ସାଗର ମଧ୍ୟରେ ହୋଇଥିବା କଥୋପକଥନ ନାଟକୀୟତା ଭରିଦେଇଛି।

**କବିତାର ସାରକଥା:**

ଗିରିକନ୍ୟା ତଟିନୀ ପର୍ବତ କନ୍ଦରରୁ ଜନ୍ମଲାଭ କରି ନିମ୍ନକୁ ବହିଆସେ। ପାହାଡ଼ିଆ ଖାଲଢିପ ରାସ୍ତାଦେଇ ଓ କାହିଁ କେତେ ଅରଣ୍ୟ ପଥ ଅତିକ୍ରମ କରି ସେ କଳକଳ ନାଦରେ ବହିଆସେ ସମତଳଭୂମିକୁ। ପଥ ମଧ୍ୟରେ ନାନା ବାଧାବିଘ୍ନ ଅତିକ୍ରମ

କରି ଲକ୍ଷ୍ୟପଥରେ ନିମ୍ନଭୂମିକୁ ଗଡ଼ିଚାଲେ ସେ। ସମତଳଭୂମିରେ ବହିଯାଉଥିବା ବେଳେ କେତେ କେତେ ଗ୍ରାମ, ସହର, ଶସ୍ୟକ୍ଷେତ୍ର, ସବୁଜ ପ୍ରାନ୍ତର ଆଦି ତାକୁ ଅତିକ୍ରମ କରିବାକୁ ପଡ଼େ। ଏତେ ଦୂରପଥ ଯାତ୍ରା କଲେ ମଧ ସେ କେବେ କ୍ଳାନ୍ତି ପ୍ରକଟ କରେନି କି ପରିଶ୍ରମ ପ୍ରତି କାତରତା ପ୍ରକାଶ କରେନି।

ନଦୀର ଲକ୍ଷ୍ୟସ୍ଥଳ ହେଉଛି ସାଗର। ସାଗରରେ ମିଶିବା ପାଇଁ ସେ ସୁଦୂରପଥ ଅତିକ୍ରମ କରିଚାଲିଥାଏ। ସାଗର ଉପକୂଳରେ ପହଞ୍ଚି ନଦୀ ତା' ଜୀବନର ଦୁଃଖ ବଖାଣି ବସିଛି ସମୁଦ୍ର ଆଗରେ। ମଣିଷ ଆପଣାର ଲୋକଟିଏ ପାଖରେ ପାଇଲେ ଯେପରି ନିଜ ଦୁଃଖସୁଖ ସବୁ ଗପିଚାଲେ, ସେହିପରି ସାଗର ସମ୍ମୁଖରେ ନଦୀ ତା' ଜୀବନର ଦୁଃଖତକ କହିପକାଇଛି। ମାନବ ଜାତି ବିରୋଧରେ ତା'ର ଅଭିଯୋଗ। ଅବୋଧ ଶିଶୁ ପରି ମଣିଷ ତା'ର ସମସ୍ତ ସୌନ୍ଦର୍ଯ୍ୟକୁ ନଷ୍ଟକରି ଚାଲିଚି। ବାସ୍ତବିକ ମାନବ ଆଜି ଦାନବ ସାଜି ନଦୀର ଅମୃତ ଜଳରେ ଆବର୍ଜନା ଏବଂ ନର୍ଦ୍ଦମା ଜଳ ପକାଇ ତାକୁ ବିଷାକ୍ତ କରିଚାଲିଛି। କଳକାରଖାନାର ଦୂଷିତ ଜଳରାଶିକୁ ନଦୀଗର୍ଭକୁ ଠେଲିଦେଇ ତା'ର ସ୍ୱଚ୍ଛଜଳକୁ ଆବିଳ କରିଛି। ନଦୀତୀରସ୍ଥ ପ୍ରାକୃତିକ ଶୋଭାସମ୍ପଦ ଧ୍ୱଂସ କରିଚାଲିଛି। ତଟଦେଶର ଛବିଳ ଶୋଭା ଆଜି ଆଉ ନାହିଁ। ଅବିବେକୀ ମଣିଷ ଅନ୍ଧ ଭାବେ ଯାବତୀୟ ଅଳିଆ ଆବର୍ଜନା ନଦୀଗର୍ଭକୁ ଠେଲିଦେଇ ଜଳ ପ୍ରଦୂଷଣ କରିଚାଲିଛି।

ନଦୀତୀର ଓ ଉପତ୍ୟକାରେ ରହିଥିବା ଘନ ବନରାଜି ଆଜି ଆଉ ନାହିଁ। ନଦୀକୂଳର ତୋଟାମାଳରେ ଆଉ କୋଇଲିର କୁହୁତାନ କି ବିହଗକୁଳର କିଚିରି ମିଚିରି ବୃନ୍ଦଗାନ ଶୁଭୁନାହିଁ। ନଦୀ ଜଳରାଶିର କୁଳୁକୁଳୁ ଧ୍ୱନି ସହ ପାର୍ଶ୍ୱସ୍ଥ କୁଞ୍ଜବନରେ ପକ୍ଷୀକାକଳି ମିଶି ଯେପରି ମଧୁମୟ ପରିବେଶ ସୃଷ୍ଟି ହେଉଥିଲା ତାହା ଆଜି ଆଉ ନାହିଁ। ଘଞ୍ଚ ବେତବୁଦା, କିଆକେତକୀର ବଣ ଆଦିରେ ଯେଉଁ ତୀରଦେଶ ପୂର୍ଣ୍ଣଥିଲା, ତାହା ଆଉ ଆଜି ନାହିଁ। ଏହିପରି ତଟିନୀର ପ୍ରାକୃତିକ ଶୋଭା ମଣିଷଦ୍ୱାରା ବିନଷ୍ଟ ହୋଇଯାଇଛି ବୋଲି ନଦୀ ମହୋଦଧି ଆଗରେ ଅନ୍ତରର ଦୁଃଖ ପ୍ରକାଶ କରିଛି।